ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 15-07-2025

ଗଜପତି(ଓଡିଶା) - :2025-07-15 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-07-16 | 2025-07-17 | 2025-07-18 | 2025-07-19 | 2025-07-20 |
|---|---|---|---|---|---|
| ବର୍ଷା (ମିମି) | 4.8 | 5.3 | 8.8 | 9.6 | 19.6 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 31.2 | 31.5 | 31.0 | 30.6 | 31.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.2 | 24.4 | 23.9 | 23.7 | 23.9 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 89 | 90 | 93 | 94 | 92 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 57 | 64 | 63 | 65 | 64 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 4.4 | 2.1 | 2.4 | 1.8 | 1.6 |
| ପବନର ଦିଗ (ଡିଗ୍ରୀ) | 261 | 239 | 207 | 90 | 243 |
| ମେଘାଚ୍ଛନ (ଅକ୍ଟା) | 8 | 8 | 7 | 5 | 6 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ଭାରି ବର୍ଷା; ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶନିବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୧.୦ ରୁ ୦୪.୦ କିଲୋମିଟର ପ୍ରତିଘଣ୍ଟା ମଧରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୩.୦° ସେଲସିୟସ ରୁ ୩୪.୦° ସେଲସିୟସ ଏବଂ ୨୪.୦° ସେଲସିୟସ ରୁ ୨୬.୦° ସେଲସିୟସ ମଧରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୮ ରୁ ୯୨ ଶତକଡା ଏବଂ ୫୭ ରୁ ୬୨ ଶତକଡା ମଧରେ ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ସତର୍କ ସୂଚନା ନାହିଁ

**ଆବହାୱିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:**

| |
|---|
| କୌଣସି ପ୍ରଭାବ ନାହିଁ |

**ସାଧାରଣ ଉପଦେଶ:**

| |
|---|
| ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୪.୮° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୪° ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୨୧.୬ ମିଲିମିଟର ବର୍ଷା ହୋଇଅଛି । ମୁଖ୍ୟ ଜମି କୁ ୭ ରୁ ୧୦ ଦିନ ଅନ୍ତରରେ ଦୁଇ ଥର କାଦୁଅ କରି ଭଲ ଭାବେ ସମତୁଲ କରି ଦିଅନ୍ତୁ । ଧାନ ମୁଖ୍ୟ ଜମି ରେ କାଦୁଅ କରିବା ପାଇଁ ଓ ତାଳି ରୋପଣ ପାଇଁ ହିଡ ତିଆରି କରି ବର୍ଷା ପାଣି କୁ ବାନ୍ଧି ରଖନ୍ତୁ । ଧାନ ତଳିଘେରାରେ ଠିଆ ପାଣି କିପରି ନରହିବ ସେଥି ପ୍ରତି ଧ୍ୟାନ ଦିଅନ୍ତୁ । ପନିପରିବା ତଳିଘେରା କୁ ଅଧିକ ବର୍ଷା ରୁ ରକ୍ଷା ପାଇବା ପାଇଁ ଜଳ ନିଷ୍କାସନର ବ୍ୟବସ୍ଥା ସହିତ ତଳିଘେରା ଉପରେ ଛାମୁଣ୍ଡିଆ କରନ୍ତୁ । ଗାଈଗୋରୁ ମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ । ପର୍ଯ୍ୟାପ୍ତ ପରିମାଣ ର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ । ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନ ରେ ସାଇତି ରଖନ୍ତୁ ଯେପରିକି ତାହା ଅଧିକ ବର୍ଷା ରେ ନଷ୍ଟ ନ ହୁଏ । |

**ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:**

| |
|---|
| ପାଣିପାଗର ପୂର୍ବାନୁମାନ ଅନୁସାରେ ଆଗାମୀ ପାଞ୍ଚଦିନ ପର୍ଯ୍ୟନ୍ତ ଜିଲ୍ଲାରେ ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛ ତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟର |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ତଳିଘେରା ରେ ଉକୁଣିଆ ପୋକ ଦେଖାଗଲେ ଶୁଖିଲା ପାଗ ଦେଖି ଏକର ପ୍ରତି NSKE ୮୦୦ ମିଲି କିମ୍ବା Lambda-Cyhyalothrin୫% EC@ ୧୦୦ ମିଲି କିମ୍ବା Thiamethoxam ୨୫% WG@ ୪୦ ଗ୍ରାମ ପ୍ରୟୋଗ କରନ୍ତୁ । ବୁଣା ଧାନ ୧୫ ରୁ ୨୦ ଦିନ ହୋଇ ଯାଇଥିଲେ ଓ ଘାସ ୩ ରୁ ୪ ପତ୍ର ଥିବା ଅବସ୍ଥା ରେ ଶୁଖିଲା ପାଗ ଦେଖି ରାସାୟନିକ ଉପାୟ ରେ ଘାସ ଦମନ ପାଇଁ ଏକର ପ୍ରତି ୮୦ – ମିଲି Bispyribac Sodium ୧୦% SC ଘାସମରା ଔଷଧ କିମ୍ବା Metsulfuron Methyl ୧୦% + Chlorimuron Ethyl ୧୦% WP ର ମିଳିତ ଘାସମରା ଔଷଧ ଏକର ପ୍ରତି ୮ ଗ୍ରାମ ଔଷଧ କୁ ୨୦୦ ଲିଟର ସଫା ପାଣି ରେ ମିଶାଇ Flat Fan କିମ୍ବା Flood Jet Nozzle ଥିବା ସ୍ପ୍ରେୟର ରେ ସିଞ୍ଚନ କରନ୍ତୁ। |
| ମକା | ମକା ମଞ୍ଜି ବୁଣିବାର ୨୦ ରୁ ୨୫ ଦିନ ହୋଇ ଯାଇଥିଲେ ଘାସ ବାଛି ଜମିକୁ କୋଡାଖୁସା କରି ହୁଡା ଟେକି ଦିଅନ୍ତୁ । ଏହି ସମୟରେ ଏକର ପ୍ରତି ୫୫ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଫଲ୍ ଆର୍ମି ୱର୍ମ, ନାମକ କୀଟର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ଏକର ପ୍ରତି ୮୦ ଗ୍ରାମ EmamectinBenzoate ନାମକ କୀଟନାଶକ କିମ୍ବା ୧୦୦ ମିଲି Spinetoram ନାମକ କୀଟନାଶକ କିମ୍ବା ୮୦ ମିଲି Chlorantraniliprole ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଦାମ | ଚିନାବାଦାମ ଫସଲରେ ମଞ୍ଜି ବୁଣିବାସମୟ ରେ ପ୍ରାକ-ତୃଣକମାରୀ ପ୍ରୟୋଗକରିନଥିଲେ ମଞ୍ଜି ବୁଣିବାର ୧୫ଦିନ ମଧ୍ୟରେ ପାଗ ଶୁଖିଲା ଦେଖିଏକର ପ୍ରତି ୩୦୦ ମିଲି ଇମାଜେଥାପିର (Imazethapyr) ନାମକ ଘାସମରା ଔଷଧ କିମ୍ବା ୪୦୦ ମିଲି କୁଇଜାଲୋଫପ ଇଥାଇଲ (Quizalofop Ethyl) ନାମକ ଘାସମରା ଔଷଧ ୨୦୦ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ମାଣ୍ଡିଆ | ବିହନ ବୁଣିବା କିମ୍ବା ରୋଇବା ପୂର୍ବ ରୁ ବିହନ କିଲୋଗ୍ରାମ ପ୍ରତି ୨ଗ୍ରାମ Carbendazim 50% WP କିମ୍ବା ୩ଗ୍ରାମ Thiram ୭୫ % WP ମିଶାଇ ବିଶୋଧନ କରନ୍ତୁ । ମାଣ୍ଡିଆ ଧାଡିବୁଣା କଲେ ଏକର ପ୍ରତି ୩ କିଲୋଗ୍ରାମ ଓ ଛଟାବୁଣା କଲେ ଏକର ପ୍ରତି ୪ କିଲୋଗ୍ରାମ ବିହନ ଦରକାର ହୁଏ । ଧାଡିକୁ ଧାଡି ୨୫ ସେ.ମି ବ୍ୟବଧାନରେ ୩-୪ ସେ.ମି ଗଭୀରରେ ବିଶୋଧିତ ବିହନ ବୁଣିବା ଆବଶ୍ୟକ । ରୁଆ ପ୍ରଣାଳୀରେ ମାଣ୍ଡିଆ ଚାଷ କଲେ ଏକର ପ୍ରତି ୨.୫ କିଲୋଗ୍ରାମ ବିହନ ଆବଶ୍ୟକ ହୁଏ । ୨୫ ରୁ ୩୦ ଦିନର ଚାରାକୁ ଧାଡିକୁ ଧାଡି ୨୦ ସେ.ମି ଓ ଗଛକୁ ଗଛ ୧୦ ସେ.ମି ବ୍ୟବଧାନ ରଖି ବୁଦା ପ୍ରତି ଦୁଇଟି ଲେଖାଏଁ ତଳି ୩ ସେ.ମି ଗଭୀରରେ ରୁଅନ୍ତୁ । ମାଣ୍ଡିଆର କିଛି ଉନ୍ନତ କିସମ ଗୁଡକି ହେଲା ଦିବ୍ୟାସିଙ୍ଘ, ଚିମ୍ପାବତୀ, ନୀଳାଚଳ, VL-149, VL-376, ଗୋଦାବରୀ, ଭୈରବୀ, ଶ୍ୱେତା ଇତ୍ୟାଦି । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଅମୃତଭଣ୍ଡା | ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ । ହନି ଡିୟୁ, କୁର୍ଗ ହନି ଡିୟୁ, CO-1, CO-2, ପୁଷା ଡେଲିଶିୟଶ, ପୁଷା ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ । ୨.୫x ୨.୫ ମି ଦୂରତାରେ ୦.୫ x୦.୫ x୦.୫ ମିଟର ଗାତକରି ଗଛ ଲଗାନ୍ତୁ । ବଳିଷ୍ଠ ଓ ନିରୋଗ ତଳି କିମ୍ବା ଟିସୁ କଲଚର ତଳି ଲଗାନ୍ତୁ । |
| ଆମ୍ବ | ଜୁଲାଇ ଓ ଅଗଷ୍ଟ ହେଉଛି ଆମ୍ବ ଲଗାଇବାର ଉପଯୁକ୍ତ ସମୟ । ବାଇଗଣପଲ୍ଲୀ, ତୋତାପରୀ, ବୋମ୍ବେ ଗ୍ରୀନ, ସୁବର୍ଣ୍ଣରେଖା, ନୀଲମ୍. ହିମସାଗର, ଲାଙ୍ଗ୍ରା, ଦଶେରୀ, କିଶାନଭୋଗ, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରାମଖେଳ, ରୁମାନି, ସିନ୍ଧୁ, ଆଲଫାନସୋ ଓ କେଶର ଇତ୍ୟାଦି କିସମ ଲଗାନ୍ତୁ । ଶାଖା ନଥିବା କଲମି ଚରା କୁ ୧x ୧x ୧ମିଟର ଗାତ ରେ ୧୦x ୧୦ମିଟର ବ୍ୟବଧାନ ରେ ରୋପଣ କରନ୍ତୁ । ଗଛ ଲଗାଇବା ପୂର୍ବ ରୁ ଯବକ୍ଷାରଜାନ : ଫସଫରସ: ପୋଟାସ ସାର କୁ ୮୦ :୧୦୦:୬୦ ଗ୍ରାମ ଅନୁପାତ ରେ ଓ ୨ ଝୁଡି ଶଢା ଗୋବର ଖତ କୁ ଗାତ ପ୍ରତି ପ୍ରୟୋଗ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ବର୍ଷା ଋତୁରେ ପଶୁମାନଙ୍କ ମଧ୍ୟରେ ରୋଗ ବ୍ୟାପିବାର ସମ୍ଭାବନା ବଢ଼ିଯାଇ ଥାଏ, ତେଣୁ ମୌସୁମୀ ବାୟୁ ପ୍ରବାହ ହେବା ଆଗରୁପଶୁମାନଙ୍କର ଟୀକାକରଣ ନିଶ୍ଚିତ କରାନ୍ତୁ ଏବଂ ସେମାନଙ୍କୁ ସୁସ୍ଥ ରଖିବା ପାଇଁ କୃମି ନ ହେବାର ଔଷଧ ଖୁଆଇବାର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ । ଗୁହାଳ ଘର ଛାତ ନଷ୍ଟ ହେଇଯାଇଥିଲେ କିମ୍ବା ପାଣି ଗଳୁଥିଲେ ତୁରନ୍ତ ତାହାର ମରାମତି କରି ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ ଫୀସହ | ଶୀଘ୍ର ବଢୁଥିବା କାର୍ପ ଜାତୀୟ ମାଛ ଯଥାରୋହୁ, ଭାକୁର ଓ ମିରିକାଳୀ ଏକ ନିର୍ଦ୍ଦିଷ୍ଟ ଅନୁପାତ ୪:୩:୩ ଭାଗ ରେ ଚାଷକରିବା ଦ୍ୱାରା ଅଧିକ ଲାଭ ମିଳିଥାଏ । ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ଅଙ୍ଗୁଳିଆ ଯାଆଁଳ ଛଡ଼ାଯାଏ । ମାଛ ମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡା ସମାନ ଅନୁପାତରେ ମିଶାଇ, ଛାଡିବା ଯାଆଁଳ ଓଜନର ଶତକଡା ୫ଭାଗ ଖାଇବାକୁ ଦିଆଯାଏ । ଗୋବର, ୟୁରିଆ ଓ ସୁପର ଫସଫେଟ ପୋଖରୀର ଉର୍ବରତା ପାଇଁ ପକାଯାଏ । |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପ୍ଲାଣ୍ଟ ପ୍ରୋଟେକ୍ସନ | ବର୍ତମାନ ସମୟରେ ବିଭିର୍ଣ୍ଣ ପନିପରିବାରେ ସାହେବୀ ରୋଗ ହେବାର ସମ୍ଭାବନା ଅଛି । ଏହା ଏକ ଭୂତାଣୁ ଜନିତ ରୋଗ ଯାହାକି ଧଳାମାଛି ଓ ଅନ୍ୟ ଶୋଷକ କୀଟ ଗୁଡିକ ଦ୍ୱାରା ବ୍ୟାପିଥାଏ । ଏହି ରୋଗକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ଗ୍ରାମ Imidacloprid ସହ ବିହନ ବିଶୋଧନ ନିହାତି ଜରୁରୀ । ଏହି ରୋଗର ବାହକ ଗୁଡିକ ପରିଚାଳନା ପାଇଁ ମଞ୍ଜି ଗଜା ହେବାର ୧୦-୧୨ଦିନ ପରେଏକର ପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ପ୍ରାଥମିକ ଅବସ୍ଥାରେ ମଞ୍ଜି ଗଜା ହେବାର୧୫ଦିନ ପରେ ଏକର ପ୍ରତି ୬୦୦-ମି.ଲି ନିମ୍ବଜାତ କୀଟନାଶକ ୧୫୦୦ପିପିଏମ Azadiractinକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଶୃଖିଳା ପାଗ ଦେଖି ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid, ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| କୌଣସି ସତର୍କ ସୂଚନା ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| କୌଣସି ପ୍ରଭାବ ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**